# କ୍ରିକେଟ ସହ ଦେଶପ୍ରେମ

ତା.୦୭.୦୩.୨୦୧୪

ଅରୁଣ ଜେଟଲୀ

ବିରୋଧୀ ଦଳର ନେତା, ରାଜ୍ୟସଭା

୧୯୯୯ ମସିହାରେ କାରଗିଲ ଯୁଦ୍ଧ ଚାଲିଥିବା ସମୟରେ ଇଂଲଣ୍ଡଠାରେ ବିଶ୍ୱ କପ କ୍ରିକେଟ ଚାଲିଥିଲା । ମୁଁ ଗ୍ରୀଷ୍ମ ଛୁଟିରେ ସେଠାରେ ମୋ ପରିବାର ସହ ବୁଲିବାକୁ ଯାଇଥିଲି ଓ ବିଭିନ୍ନ ଷ୍ଟାଡ଼ିୟମ ବୁଲି ଖେଳ ଦେଖୁଥିଲି । ହେଲେ ସେମି ଫାଇନାଲ ପୂର୍ବରୁ ହିଁ ଭାରତୀୟ ଦଳ ପରାଜିତ ହୋଇ ଚାଲିଆସିଥିଲା ।

ଭାରତ ପାକିସ୍ଥାନ ମଧ୍ୟରେ ଏକ ଖେଳ ସେଠାକାର ପୁରୁଣା ଟ୍ରାଫୋର୍ଡ଼ ମଞ୍ଚେଷ୍ଟରଠାରେ ଖେଳା ଯାଇଥିଲା । ସେ ସମୟରେ ଭାରତ ଓ ପାକିସ୍ଥାନ ମଧ୍ୟରେ ଯୁଦ୍ଧ ଚାଲିଥିଲା, ତେଣୁ ସେହି ମ୍ୟାଚ୍‌ର ବହୁତ ଗୁରୁତ୍ୱ ଥିଲା । ସେଠାକାର ବହୁ ଦର୍ଶକ ଭାରତୀୟଙ୍କ ରଙ୍ଗରେ ତ ବହୁ ଦର୍ଶକ ପାକିସ୍ଥାନି ଖେଳାଳିଙ୍କ ରଙ୍ଗର ପୋଷାକ ପରିଧାନ କରିଥିଲେ ଏବଂ ଉଭୟ ଦେଶର ପତାକା ମଧ୍ୟ ଉଡୁଥିଲା । କିଛି ଭାରତୀୟ ବଂଶୋଦ୍ଭବ ଯୁବକ ମୋତେ ଚିହ୍ନି ପାରି ଭାରତର ବିଜୟ ନେଇ ଉତ୍ସାହ ପ୍ରକଟ କରୁଥିଲେ । ସେମାନଙ୍କ ମଧ୍ୟରେ ବହୁତଙ୍କର ଇଂଲଣ୍ଡର ପାସପୋର୍ଟ ଥିବା ସହ ସେମାନେ ଇଂଲଣ୍ଡର ମଧ୍ୟ ନାଗରିକତ୍ୱ ଗ୍ରହଣ କରିଥିଲେ । ସେଥିରୁ କିଛି ଗୁଜୁରାଟି ପରିବାର କେନିଆ ଓ ଉଗାଣ୍ଡାରୁ ଆସିଥିଲେ । ସେମାନେ ଉକ୍ତ ମ୍ୟାଚରେ କହା ସପକ୍ଷରେ ଅଛନ୍ତି ବୋଲି ପ୍ରଶ୍ନ କରିବାରୁ ପ୍ରାୟତଃ ସମ ସ୍ୱରରେ ସେମାନେ ଭାରତୀୟଙ୍କ ସପକ୍ଷରେ ବୋଲି କହିଥିଲେ । ତେବେ ଯଦି ଇଂଲଣ୍ଡ ସହ ଆଉ କେଉଁ ଦେଶର ମ୍ୟାଚ ହୁଏ ତେବେ ଆମେ ଇଂଲଣ୍ଡ ପାଇଁ ସମର୍ଥନ କରିପାରୁ ବୋଲି ମଧ୍ୟ କହିଥିଲେ । ମୋର ମନେ ଅଛି ଲର୍ଡ଼ ସ୍ୱରାଜ ପାଉଲ ମୋତେ କହିଥିଲେ କି, ସେ ସବୁବେଳେ ଭାରତ ପାଇଁ ସମର୍ଥନ ପ୍ରକାଶ କରିଥିବାବେଳେ ଯଦି ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳ ହୁଏ ତେବେ ସେ ଉତ୍ତମ କ୍ରୀଡ଼ା ପ୍ରଦର୍ଶନକୁ ହିଁ ଅଧିକ ଗୁରୁତ୍ୱ ଦିଅନ୍ତି ।

ମୁଁ ଉକ୍ତ ଘଟଣା ପ୍ରକାଶ କରିବାର କାରଣ କ୍ରୀଡ଼ାକୁ ଭଲ ପାଇବା ବା କ୍ରିକେଟକୁ ଭଲ ପାଇବା ଜଣେ ବ୍ୟକ୍ତିଙ୍କର ବ୍ୟକ୍ତିଗତ ଦୃଷ୍ଟିକୋଣ । ଜଣେ ବ୍ୟକ୍ତି କ୍ରୀଡ଼ାପ୍ରେମୀ ଭାବରେ ଖେଳାଳିଙ୍କ

କ୍ରୀଡ଼ା ପ୍ରଦର୍ଶନ ଉପରେ ମତ ବ୍ୟକ୍ତ କରିଥାଏ । ମାତ୍ର ପ୍ରତିଯୋଗୀ ମୂଳକ ସ୍ଥିତିରେ ଜାତୀୟତାବୋଧର ଭାବନା ନିହାତି ଜରୁରୀ । ମୁଁ ବିଶ୍ୱ କପ ଫୁଟବଲରେ ପ୍ରତ୍ୟେକ ଦେଶର ଖେଳାଳିମାନେ ଦେଶ ଦେଶ ଭ୍ରମଣ କରି ନିଜ ଦେଶର ଖେଳାଳିମାନଙ୍କୁ ଉତ୍ସାହିତ କରିଥାଆନ୍ତି ।

ଭାରତ ଓ ପାକିସ୍ଥାନ ମଧ୍ୟରେ ଖେଳ ହେବା ସମୟରେ ଜଣେ ପାକିସ୍ଥାନ ଖେଳାଳିଙ୍କୁ ଉତ୍ସାହିତ କରିବା କିଛି ଭୂଲ କଥା ନୁହେଁ । ହେଲେ ଯଦି କିଛି ଗୋଷ୍ଠି ରାଜନୈତିକ ଅଭିସନ୍ଧିରେ ପାକିସ୍ଥାନର ବିଜୟ ନେଇ ଉତ୍ସବ ପାଳନ କରୁଛନ୍ତି ତେବେ ଉକ୍ତ ବ୍ୟକ୍ତିଙ୍କୁ କୌଣସି ନୀତି ନିୟମ ଅନୁଯାୟୀ ଦଣ୍ଡ ବିଧାନ କରାଯାଇପାରେ ବା ନପାରେ ହେଲେ ତାହା ମାଧ୍ୟମରେ ସେମାନେ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ତାହା ଜାଣିବାକୁ ହେବ ।

ଏହା ବହୁ ଲୋକଙ୍କ ମନରେ ଏକ ସନ୍ଦେହ ମଧ୍ୟ ଜାତ କରେ । ଜନତାଙ୍କ ମନରେ ଏକ ପ୍ରତିକୂଳ ପ୍ରଭାବ ପକାଏ ଓ ଏହା ଦ୍ୱାରା ମଧ୍ୟ ସେମାନେ ଏକ ପ୍ରକାରରେ ଜାତୀୟତାବାଦର ମୂଳ ଚିନ୍ତାଧାରାରୁ ଦୂରେଇ ଯାଆନ୍ତି । ସମସ୍ତ ସୁଚିନ୍ତିତ ଭାରତୀୟ ଓ କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକମାନେ ଏଭଳି ଯୁବ ସମ୍ପ୍ରଦାୟଙ୍କୁ ପଥଭ୍ରଷ୍ଟ ହେବାଠାରୁ ନିବୃତ୍ତ କରିବା ଆବଶ୍ୟକ । ଏହା ତାଙ୍କୁ ଓ ତାଙ୍କ ଦେଶ ଉଭୟକୁ କ୍ଷତିରେ ପକାଇବ ।